# ଜେଲ ଗଲେ ଲାଞ୍ଚୁଆ କିରାଣି

**ବୁଗୁଡ଼ା,୧୬।୩(କାଳିଚରଣ ଦାଶ)**

ଭିଜିଲାନ୍ସ ପଞ୍ଝାରେ ପଡ଼ି ବୁଗୁଡା ସବ୍‌-ରେଜିଷ୍ଟ୍ରାର ଅଫିସର ପ୍ରାକ୍ତନ କନିଷ୍ଠ କିରାଣି ଶ୍ରୀକାନ୍ତ ଡାକୁଆ ଜେଲ ଯାଇଛନ୍ତି। ୨୦୨୩ ସେପ୍ଟେମ୍ବରରେ ବୁଗୁଡ଼ାର ତତ୍କାଳୀନ ତହସିଲଦାର ତଥା ଭାରପ୍ରାପ୍ତ ଉପନିବନ୍ଧକ ଭିଜିଲାନ୍ସ ପଞ୍ଝାରେ ପଡ଼ି ଜେଲ ଯିବା ଘଟଣା ପରଠୁ ଭିଜିଲାନ୍ସର ସ୍କାନରରେ ରହିଆସୁଥିଲେ ଉପନିବନ୍ଧକ କାର୍ଯ୍ୟାଳୟର ଏହି ପ୍ରାକ୍ତନ କିରାଣି। ବହୁ ଅଭିଯୋଗ ପରେ ଶ୍ରୀକାନ୍ତଙ୍କ ବଦଳି ବେଲଗୁଣ୍ଠା ଉପନିବନ୍ଧକ କାର୍ଯ୍ୟାଳୟକୁ ହୋଇଥିଲା। ତେବେ ୧୩ ତାରିଖ ରାତିରେ ସେ ନିଜ କାର (ନଂ.ଓଡି ୦୨ ବିଭି ୧୪୦୨)ରେ ଫେରିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କଠାରୁ ୧ ଲକ୍ଷ ୮୬ ହଜାର ଟଙ୍କା ଜବତ କରିଥିଲା। ଟଙ୍କା ସମ୍ପର୍କରେ ଭିଜିଲାନ୍ସ ଟିମକୁ ଶ୍ରୀକାନ୍ତ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ତେଣୁ ଟିମ୍ କାର୍ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଏଥିସହ ବୁଗୁଡ଼ାସ୍ଥିତ ସରକାରୀ ବାସଭବନ ଏବଂ ବେଲଗୁଣ୍ଠା ଉପନିବନ୍ଧକ କାର୍ଯ୍ୟାଳୟରେ ଛାନଭିନ୍ କରିଥିଲା। ଏ ନେଇ ଭିଜିଲାନ୍ସ ପକ୍ଷରୁ ନଂ. ୨/୨୫ ରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି।

# ଝାଉଁ କାଠରେ ହୁଏ ଅସ୍ଥାୟୀ ମଣ୍ଡପ

## ବୁଢୀ ଠାକୁରାଣୀ ଯାତ୍ରା

**ବ୍ରହ୍ମପୁର,୧୬।୩(ସ୍ମୃତି ରଞ୍ଜନ ମହାଲିକ)**

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ପାଇଁ ଦେଶୀ ବେହେରା ସାହିଠାରେ ଅସ୍ଥାୟୀ ମଣ୍ଡପ କାର୍ଯ୍ୟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଯାତ୍ରା ପରିଚାଳକ ଦୁର୍ଗା ପ୍ରସାଦ ଦେଶୀ ବେହେରାଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମଣ୍ଡପର ଛାମୁଣ୍ଡିଆ ପାଇଁ ନରେନ୍ଦ୍ରପୁର ଅଞ୍ଚଳରୁ ଆସିଥିବା ଚାବୁକ (ଝାଉଁ) କାଠରେ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ଜଗଦଳପୁର ମହାରଣା ପରିବାରଙ୍କ ପକ୍ଷରୁ ରବିବାର କାଠ କାମ ଆରମ୍ଭ ହୋଇଥିବା ଯାତ୍ରା ପରିଚାଳକ କହିଛନ୍ତି। କାଠକାମ ସରିବା ପରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ମା'ଙ୍କ ପିଣ୍ଡି କାର୍ଯ୍ୟ ଆରମ୍ଭ ହେବ।

ଅସ୍ଥାୟୀ ମଣ୍ଡପ ନିର୍ମାଣ କାର୍ଯ୍ୟରେ ଝାଉଁ କାଠର ପରମ୍ପରା ଓ ବିଶେଷତ୍ୱ ରହିଛି।



ଅସ୍ଥାୟୀ ମଣ୍ଡପ ନିର୍ମାଣ ପାଇଁ ଥିବା ଝାଉଁ କାଠ।

ପୂର୍ବରୁ ଛତ୍ରପୁର ତାମ୍ପରା ହ୍ରଦ ଝାଉଁ ଜଙ୍ଗଲରୁ ଯାତ୍ରା ପାଇଁ କାଠ ସଂଗ୍ରହ କରାଯାଉଥିଲା। ବାତ୍ୟାରେ ସେଠାକାର ଝାଉଁ ଜଙ୍ଗଲ ନଷ୍ଟ ହେବା ପରେ ଆବଶ୍ୟକୀୟ ମାପର କାଠ ପାଇଁ ଆନ୍ଧ୍ର ଉପକୂଳରୁ ଅନେକାଂଶ ସମୟରେ କାଠ ଅଣାଯାଇଥାଏ। ଅସ୍ଥାୟୀ ମଣ୍ଡପରେ ୨୨ ଝାଉଁ କାଠ ଓ ମଣ୍ଡପକୁ ଲାଗି ଗଡାଯାଉଥିବା ଛାମୁଣ୍ଡିଆରେ ୧୨ଟି କାଠ ବ୍ୟବହୃତ ହୋଇଥାଏ। ମଣ୍ଡପର ଓସାର ୩୨୪ ବର୍ଗ ଫୁଟ ଓ ଛାମୁଣ୍ଡିଆର ଓସାର ୪୫୦ ବର୍ଗ ଫୁଟ ରହିଥାଏ। ଭୂମିଠାରୁ ଦେଢ ଫୁଟ ଉଚ୍ଚରେ ସିମେଣ୍ଟ ଚଟାଣ ଗଡାଯାଇ ୩ ଫୁଟ ଉଚ୍ଚତା ଓ ୧୦ ଫୁଟ ଲମ୍ବର ଘଟ ସ୍ଥାପନ ପାଇଁ ପିଣ୍ଡି ନିର୍ମାଣ କରାଯାଇଥାଏ। ଅସ୍ଥାୟୀ ମଣ୍ଡପର ଓସାର ୧୧ ଫୁଟ ରହୁଥିବା ବେଳେ ଉଚ୍ଚତା ୧୩ ଫୁଟ ରହିଥାଏ। ମଣ୍ଡପର ଚର୍ତୁପାର୍ଶ୍ୱ ସିମେଣ୍ଟରେ ୬ ଫୁଟର କାନ୍ଥ ଉଠାଯାଇ ବଳକା ୫ ଫୁଟକୁ ବାଉଁଶ ଜାଲିରେ ଆଚ୍ଛାଦିତ କରାଯାଉଥିବା ବେଳେ ଛାମୁଣ୍ଡିଆର ୨ ପାର୍ଶ୍ୱ ବାଉଁଶ ଜାଲି ବ୍ୟବହୃତ ହୋଇଥାଏ। ଛାମୁଣ୍ଡିଆର ଛାତରେ ନଡିଆ ବାହୁଙ୍ଗା ପକାଯାଇଥାଏ। ମଣ୍ଡପ ନିର୍ମାଣ ପାଇଁ ମୁଖ୍ୟ ମହାରଣାଙ୍କ ପରିବାର ସଦସ୍ୟଙ୍କ ସମେତ ଅନ୍ୟ କେତେ ଜଣ ମିସ୍ତ୍ରି ନିୟୋଜିତ ହୋଇଥାନ୍ତି। ସାଧାରଣତଃ ମଣ୍ଡପ କାର୍ଯ୍ୟ ୧୨ ଦିନ ଲାଗିଥାଏ। ପାରମ୍ପରିକ ଭାବେ ଶଙ୍କରପୁର ବାଉରି ସଂପ୍ରଦାୟର ଅବିବାହିତ କନ୍ୟା ଓ ମହିଳା ଅସ୍ଥାୟୀ ମଣ୍ଡପରେ ଗୋବର ଲିପା ଓ ଝୋଟି ଦିଆ କାର୍ଯ୍ୟ ସମାପନ କରିଥାନ୍ତି। ଅସ୍ଥାୟୀ ମଣ୍ଡପ କଞ୍ଚା ବାଉଁଶ ଓ ନଡାରେ ନିର୍ମିତ ହେବା ବେଳେ ଝୋଟି ପାଇଁ ଧଳା ଖଡି ପାଣିରେ ଘୋରିବା ନୀତି ରହିଛି। ଅନ୍ୟପଟେ ଠାକୁରାଣୀଙ୍କୁ ନିମନ୍ତ୍ରଣ କରିବା ପାଇଁ ଫୁଲ ସୁନ୍ଦରୀ ସାହିରୁ ଫୁଲ ଚାଙ୍ଗୁଡି ଅଣାଯାଉଥିବା ବେଳେ ଷଣ୍ଢ ମହାନ୍ତି ସାହିରେ ବସବାସ କରୁଥିବା ଅନ୍ୟ ଏକ ରାଉଳ ପରିବାର ଇଟାମଲୀ ଫୁଲ ହାର ଯୋଗାଇଥାନ୍ତି।

# ଭାଇ ମୃତ, ଭଉଣୀ ଗୁରୁତର

## ଭଉଣୀ ଭାଇଙ୍କ ଉପରେ ଚଢିଗଲା ବସ୍

**ଜଗନ୍ନାଥପ୍ରସାଦ,୧୬।୩(ବିଭୁ ପ୍ରସାଦ ପଟ୍ଟନାୟକ)**

ଜଗନ୍ନାଥପ୍ରସାଦ ଥାନା ଅଧୀନ ପଞ୍ଚଭୂତି ଚୁଡ଼ାମିଲ ବାଙ୍କଠାରେ ଓଏସ୍ଆରଟିସିର ଏକ ବସ୍ ଏକ ସ୍କୁଟି ଉପରେ ଚଢିଯାଇ କିଛି ଦୂର ସ୍କୁଟି ଘୋଷାରି ନେଇଥିଲା। ଫଳରେ ସ୍କୁଟିରେ ଯାଉଥିବା ଭଉଣୀ ଭାଇଙ୍କ ମଧ୍ୟରୁ ଭାଇଙ୍କ ମୃତ୍ୟୁ ହୋଇଛି। ଭଉଣୀ ଗୁରୁତର ଅଛନ୍ତି। ତାଙ୍କୁ ଜଗନ୍ନାଥ ପ୍ରସାଦ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ଚଢିଆପଲ୍ଲୀ ଗ୍ରାମର ଦୀପକ ନାଇକ। ଗୁରୁତର ଭଉଣୀ ହେଉଛନ୍ତି ଯଶୋଦା।

ରବିବାର ସକାଳେ ଓଏସ୍ଆରଟିସି ବସ୍ (ଓଡି୦୫ବିସି-୪୧୭୨) ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ୨୧ ନମ୍ବର ରାଜ୍ୟ ରାଜପଥର ଏକ ବାଙ୍କ ରାସ୍ତାରେ ଭାରସାମ୍ୟ ହରାଇ ଏକ ଟିଭିଏସ୍ ସ୍କୁଟି (ଓଡି୩୨ଜେ-୩୩୮୪)କୁ ସାମ୍ନା ପଟୁ ଧକ୍କା ଦେଇ ୩୦/୪୦ ମିଟର ଘୋଷାରି ନେଇଥିଲା। ଚଢିଆପଲ୍ଲୀ ଗ୍ରାମର ଦୀପକ ଓ ତାଙ୍କ ବଡ଼ବାପାଙ୍କ ଝିଅ ଯଶୋଦା କୌଣସି କାମରେ ସ୍କୁଟି ଯୋଗେ ପଞ୍ଚଭୂତି ଯାଉଥିବା ବେଳେ ଏହିଭଳି ଦୁର୍ଘଟଣା ଘଟିଥିଲା। ଫଳରେ ଘଟଣା ସ୍ଥଳରେ ଦୀପକଙ୍କ ମୃତ୍ୟୁ ହୋଇଥିଲା। ଯଶୋଦା ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଖବରପାଇ ଘଟଣା ସ୍ଥଳରେ ଜଗନ୍ନାଥ ପ୍ରସାଦ ତହସିଲଦାର ଓ ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ରାସ୍ତାରୋକୋ ହଟାଇଥିଲେ। ଡ୍ରାଇଭର ଫେରାର ହୋଇଯାଇଛନ୍ତି।

# ପୁଇଁତୋଳା ନୂତନ ଗ୍ରାମ୍ୟ କମିଟି ଚୟନ

**ଗଞ୍ଜାମ, ୧୬।୩ (ବିଦ୍ୟାଧର ସାହୁ)**

ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ୱାର୍ଡ ନଂ. ୮ ଓ ୯ ପୁଇଁତୋଳା ନୂତନ ଗ୍ରାମ୍ୟ କମିଟି ଚୟନ ମା' ଗଙ୍ଗାଦେବୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସୁଦାମ ଚରଣ ଜେନାଙ୍କ ସଭାପତିତ୍ୱରେ ନୂତନ କମିଟି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସଭାପତି କାନ୍ତରି ଦଳାଇ, ଉପଦେଷ୍ଟା କୈଳାଶ ଚନ୍ଦଅ ପଲେଇ, କାର୍ଯ୍ୟକାରୀ ସଭାପତି ଗୌରୀ ଶଙ୍କର ବାରିକି, ଉପସଭାପତି ଭଗବାନ ପ୍ରଧାନ, ସମ୍ପାଦକ ସୁଦାମ ଜେନା, ସହ ସମ୍ପାଦକ ବିଶ୍ୱଭୂଷଣ ଦଳାଇ, କୋଷାଧ୍ୟକ୍ଷ ରଙ୍କ ନାଥ ପଲାଇଙ୍କୁ ସର୍ବ ସମ୍ମତି କ୍ରମେ ଦାୟିତ୍ୱ ବହନ କରାଯାଇଛି। ଏଥିସହ କାର୍ଯ୍ୟକାରୀ ସଦସ୍ୟ ହରି ବିଶ୍ୱାଳ, ପ୍ରକାଶ ରାଉଳ, ଜିତେନ୍ଦ୍ର ପଲାଇ ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମା'ଠାକୁରାଣୀ ମନ୍ଦିର ପୁନଃ ଉଦ୍ଧାର ପାଇଁ ମଧ୍ୟ ଏକ କମିଟି ଗଠନ କରାଯାଇଛି। ଶିବରାମ ଜେନା କୋଷାଧ୍ୟକ୍ଷ, ବିଶ୍ୱଭୂଷଣ ଦଳାଇ ଆବାହକ ଚୟନ ହୋଇଥିଲା। କାର୍ଯ୍ୟକାରୀ ସଦସ୍ୟ ଭାବେ ସୁରେନ୍ଦ୍ର ପଲାଇ, ନାରାୟଣ ତରାଇ ପ୍ରମୁଖ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା।

# ଚକ୍ଷୁ ସୁରକ୍ଷା ପାଇଁ ସମସ୍ତେ ଏକାଠି




ବିଶ୍ୱ ଗ୍ଲୁକୋମା ସପ୍ତାହ ଅବସରରେ ସଚେତନତା ପଦଯାତ୍ରା।

**ବ୍ରହ୍ମପୁର,୧୬।୩(ସୁବାସ ଚନ୍ଦ୍ର ପାଢ଼ୀ)** ଚକ୍ଷୁ ସୁରକ୍ଷା ସମସ୍ତଙ୍କ ପାଇଁ ଜରୁରୀ। କିନ୍ତୁ ଅସେଚତନତା ଯୋଗୁ ଏହି ଅଂଶ ପ୍ରାୟ ସମସ୍ତଙ୍କର ଦୁର୍ବଳ ହେବାରେ ଲାଗିଛି। ତେଣୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏକ ହୋଇ ଗ୍ଲୁକୋମା ସପ୍ତାହ ଅବସରରେ ଏକ ପଦଯାତ୍ରା ହୋଇଛି। ରୁବି ଚିକିତ୍ସାଳୟର ଚେୟାରମ୍ୟାନ ପ୍ରଫେସର ଡା. ବି.ନାଗେଶ୍ୱର ରାଓ ସୁବୁଦ୍ଧିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁହାଯାଇଛି ଯେ, ଗ୍ଲୁକୋମା ଏକ ଲକ୍ଷଣବିହୀନ ନୀରବ ଘାତକ ରୋଗ। ଆଖି ଭିତରେ ଥିବା ତରଳ ପଦାର୍ଥ କୌଣସି କାରଣରୁ ପ୍ରବାହିତ ନହେଲେ ତାହା ସ୍ନାୟୁକୁ ପ୍ରଭାବିତ କରେ। ରକ୍ତ ସଂଚାଳନରେ ବ୍ୟାଘାତ ଘଟେ। ଏହା ବେଶୀଦିନ ରହିଲେ ସ୍ନାୟୁ ଶୁଖିଯିବା ସହ ମଣିଷକୁ ଅନ୍ଧ କରିଦିଏ। ଯାହାକୁ ଗ୍ଲୁକୋମା କୁହାଯାଏ। ତେଣୁ ଏଥିପାଇଁ ସଚେତନ ଜରୁରୀ। ଏହି ପରିପ୍ରେକ୍ଷୀରେ ଖଲ୍ଲିକୋଟ କଲେଜ ଷ୍ଟାଡିୟମ ନିକଟରୁ ଶୋଭାଯାତ୍ରା ବାହାରି ଫ୍ରେଣ୍ଡସ କ୍ଲବ ନିକଟରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ କର୍ମଶାଳାରେ ପ୍ରଫେସର ଡା. ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ଗ୍ଲୁକୋମା ଚକ୍ଷୁ ରୋଗ ସମ୍ପର୍କରେ କହିଥିଲେ। ପଦଯାତ୍ରାରେ ଏମକେସିଜି ମେଡିକାଲ କଲେଜ ଚକ୍ଷୁ ବିଭାଗ, ବ୍ରହ୍ମପୁର ଆଫଥାଲମୋଲୋଜିକାଲ ସୋସାଇଟି, ଇଣ୍ଡିଆନ ମେଡିକାଲ ଆସୋସିଏସନ,ଇନର ହ୍ୱିଲ କ୍ଲବ, ମାରୱାଡି ମହିଳା ସମିତି, ଫ୍ରେଣ୍ଡସ ହେଲପିଂ କ୍ଲବ, ରୋଟାରି ସେଣ୍ଟ୍ରାଲର ସଦସ୍ୟ ପ୍ରମୁଖ ଯୋଗଦେଇ ଲୋକଙ୍କୁ ସଚେତନ କରିଥିଲେ।

# ତାରାତାରିଣୀ ପୀଠକୁ ନେଇ ଗୁଜବ

**ଛତ୍ରପୁର,୧୬।୩(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):** କିଛିଦିନ ହେଲା ତାରାତାରିଣୀ ପୀଠକୁ ନେଇ ଏକ ଗୁଜବ ସାମାଜିକ ଗଣ ମାଧ୍ୟମରେ ଘୂରି ବୁଲୁଛି। କେହି ଦୁର୍ବୃତ୍ତ ଲୋକଙ୍କୁ ଭୟଭୀତ କରିବା ନିମନ୍ତେ ସାମାଜିକ ଗଣ ମାଧ୍ୟମରେ ବହୁ ବର୍ଷ ତଳର ଏକ ଖବରକୁ ପୋଷ୍ଟ କରିଛନ୍ତି। ତେଣୁ ଏହାକୁ ବିଶ୍ୱାସ କରନ୍ତୁ ନାହିଁ। ମା' ତାରାତାରିଣୀଙ୍କ ଚଳିତବର୍ଷର ଚୈତ୍ର ପର୍ବ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହିଭଳି ମିଥ୍ୟା ଖବର ପ୍ରଚାର ଠାରୁ ଦୂରରେ ରହିବାକୁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରେସ ବାର୍ତ୍ତାରେ କୁହାଯାଉଛି।

# ଯୁବକଙ୍କ ମାଡ଼ରେ ମହିଳା ଏଏସ୍ଆଇଙ୍କ ନାକ ଫାଟିଲା

**ଫୁଲବାଣୀ, ୧୬।୩ (ରାକେଶ କୁମାର ରାଉତ):** ହୋଲିରେ ମହିଳା ଏଏସ୍ଆଇଙ୍କୁ ମାଡ଼ମାରି ଜଣେ ଯୁବକ ନାକ ଫଟାଇଦେଇଛନ୍ତି। ସେ ହେଲେ ଫୁଲବାଣୀ ମା' ମଙ୍ଗଳା ସାହିର ବାବୁନା ସାହାଣୀ। ବାବୁନା ବିନା ଡ୍ରାଇଭିଂଲାଇସେନ୍ସରେ ଜୋରରେ ଗାଡ଼ି ଚଳାଇ ଯାଉଥିବା ବେଳେ ବାଟରେ ପଡ଼ି ଯାଇଥିଲେ। ତାଙ୍କୁ ସେଠାରୁ ଉଠାଇ ଥାନାକୁ ଆଣିବା ସମୟରେ ସେ ଲାତ ମୁଥ ମାରି ଗାଡ଼ିରୁ ଖସି ପଳାଇଥିଲେ। ଏହି ଘଟଣାରେ ଏଏସ୍ଆଇଙ୍କ ନାକ ଫାଟିଯାଇଥିଲା। ତାଙ୍କୁ ଫୁଲବାଣୀ ମେଡିକାଲ ନିଆଯାଇଛି।

# ସୁନ୍ଦର, ସବୁଜ ଦାରିଙ୍ଗବାଡ଼ି ପାଇଁ ପ୍ରୟାସ

**ଦାରିଙ୍ଗବାଡ଼ି,୧୬।୩ (ଅରୁଣ ସାହୁ)**

ଦାରିଙ୍ଗବାଡ଼ିକୁ ସବୁଜ ସୁନ୍ଦର କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏକ ଫୋରମ୍ ଗଠନ କରାଯାଇ ପ୍ରତ୍ୟେକ ରବିବାର ସକାଳେ ଦାରିଙ୍ଗବାଡ଼ିର ସରକାରୀ କାର୍ଯ୍ୟାଳୟ ସମେତ ପର୍ଯ୍ୟଟନ କ୍ଷେତ୍ରର ସଫେଇ କରାଯିବା ନେଇ ନିଷ୍ପତ୍ତି କରାଯାଇଛି। ଏହି କ୍ରମରେ ରବିବାର ସକାଳୁ ଥାନା ପରିସରକୁ ସଫେଇ କରାଯାଇଛି। ଦୈନିକ ଥାନାକୁ ବହୁ ଲୋକ ବିଭିନ୍ନ କାର୍ଯ୍ୟରେ ଆସୁଥିବା ବେଳେ ପ୍ଲାଷ୍ଟିକ, ଅଇଁଠା ପତ୍ର ଆଦି ପଡ଼ି ପରିସର ପ୍ରଦୂଷଣ ହୋଇଛି। ଫୋରମର କର୍ମକର୍ତ୍ତା ଅଜିତ କୁମାର ନାୟକଙ୍କ ନେତୃତ୍ୱରେ କର୍ମକର୍ତ୍ତା କୈଳାଶ ଚନ୍ଦ୍ର ଦଣ୍ଡପାଟ, ଧନେଶ୍ୱର ସାହୁ, ଦିଲୀପ କୁମାର ସାହୁ ପ୍ରମୁଖ ନେତୃତ୍ୱ ନେଇ



ଜଣେ ବ୍ୟକ୍ତି ଆବର୍ଜନା ସଫା କରୁଛନ୍ତି।

ସଫେଇ କରିବା ସହ ପ୍ଲାଷ୍ଟିକ ବର୍ଜନ କରିବାକୁ ଥାନା କର୍ମଚାରୀଙ୍କୁ ନିବେଦନ କରାଯାଇଛି । ଲୋକଙ୍କୁ ସଚେତନ କରାଇ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକକୁ ବର୍ଜନ କରିବା, କପଡ଼ା ବ୍ୟାଗ ବ୍ୟବହାର କରିବା, ଆଦି ସଚେତନ କରାଯାଇଛି।



















